# Akashvani, Sambalpur

## SAMBALPURI NEWS BULLETIN

### 30 December 2025 – 6.47- 6.52 am.

*******************************************

ନିଯୁକ୍ତି ମେଳା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭୁବ୍‌ନେଶ୍ୱର୍‌ର ରେଲ୍ ଅଡ଼ିଟୋରିୟମ୍ ଠାନେ ଆଏଜ୍ ନିଯୁକ୍ତି ମେଳା ଆୟୋଜନ୍ ହେଇଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୧୧ ଟା ବିଭାଗ୍‌ର  ନୂଆଁକରି ଚାକିରୀ ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦେବେ । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି        I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଅଶୋକ୍ ନଗର୍ ନ ଆଏବା ଜାନୁଆରୀ ୫ ତାରିଖ୍ ନୂଆଁ ବଛର୍‌ର୍ ମୁଖ୍ୟମନ୍ତ୍ରୀଙ୍କର୍ ପହେଲା ଅଭିଯୋଗ୍ ଶୁଣାଣି ହେବା । ଶିବିର୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହିକରି ସାଧାରଣ୍ ଲୁକ୍‌କର୍ ଅଭିଯୋଗ୍ ଶୁନ୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ

ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ । ଇଥିର୍‌ଲାଗି ଆଏବା କାଏଲ୍‌ନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ହେବା ।

ସ୍ୱତନ୍ତ୍ର ଟ୍ରେନ୍ ପି.ଆଇ.ବି.

ପର୍ଯ୍ୟଟନ୍ ସମିଆଥି ଯାତ୍ରୀମାନ୍‌କର୍ ସୁବିଧା ଲାଗି ଭାରତୀୟ ରେଲ୍‌ବାଇ ତର୍ଫୁ ପୂର୍ବତଟ ରେଲ୍‌ପଥ ନ ୩ ଟା ଖାସ୍ ଟ୍ରେନ୍‌ର ସମିଆ ବଢ଼ାଯାଇଛେ । ଭୁବ୍‌ନେଶ୍ୱର୍ - ଧାନ୍‌ବାଦ୍ ସ୍ପେଶାଲ୍ ଟ୍ରେନ୍ ଆଏବା ଫେବୃଆରୀ ୨୮ ତାରିଖ୍‌ତକ୍ ଆଉ ଧାନ୍‌ବାଦ୍- ଭୁବ୍‌ନେଶ୍ୱର୍ ଟ୍ରେନ୍‌କେ ମାର୍ଚ୍ଚ ୩ ତାରିଖ୍‌ତକ୍ ସମ୍ପ୍ରସାରଣ୍ କରାଯାଇଛେ । ସାଲିମାର୍-ପୁରୀ ସାପ୍ତାହିକ୍ ସ୍ପେଶାଲ୍ ଟ୍ରେନ୍‌କେ ଫେବୃଆରୀ ୨୨ ତାରିଖ୍‌ତକ୍ ଆଉ ପୁରୀ- ସାଲିମାର୍ ସାପ୍ତାହିକ୍ ସ୍ପେଶାଲ୍ ଟ୍ରେନ୍‌କେ ଫେବୃଆରୀ ୨୩ ତାରିଖ୍‌ତକ୍ ବଢ଼ାଯାଇଛେ । ଇତାର୍‌ଛଡ଼ା ଭଞ୍ଜପୁର୍‌ନୁ ଫି’ ଗୁରୁବାର୍ ଆଉ ଶନିବାର୍ ଛାଡୁଥିବା ଭଞ୍ଜପୁର୍-ପୁରୀ ସ୍ପେଶାଲ୍ ଟ୍ରେନ୍‌କେ ଫେବୃଆରୀ ୨୮ ତାରିଖ୍‌ତକ୍ ଆଉ ପୁରୀ-ଭଞ୍ଜପୁର୍ ମାର୍ଚ୍ଚ ୧ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ରେଲ୍‌ବାଇ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସାଧାରଣ୍ ତନ୍ତ୍ର ଦିବସ- ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀର୍ କର୍ତବ୍ୟ ପଥ ନ ସାଧାରଣ୍ ତନ୍ତ୍ର ଦିବସ୍ ଅବ୍ସରେ ଇ ବଛର୍ ଓଡ଼ିଶାର୍ ଭବ୍ୟ ପ୍ରଜ୍ଞାପନ୍ ମେଢ଼ ପ୍ରଦର୍ଶିତ୍ ହେବା । ସ୍ୱଦେଶୀ ଦରବ୍ ଉତ୍ପାଦନ୍ ଜରିଏ ଆତ୍ମନିର୍ଭର୍ ଭାରତ୍ ଗଠନ୍ କର୍ବାର୍ ଦୃଷ୍ଟିକୋଣ୍କେ ନେଇକରି ପ୍ରଜ୍ଞାପନ୍ ମେଢ଼ର ବିଷୟବସ୍ତୁ 'ସମୃଦ୍ଧିର୍ ମନ୍ତ୍ର ଆତ୍ମନିର୍ଭର ଭାରତ୍' ରଖାଯାଇଛେ । ଇତାର୍ ଆଧାର୍ଥି ପ୍ରଜ୍ଞାପନ ମେଢ଼ ନ କୃଷିନୁ ସେମିକଣ୍ଡକ୍ଟର୍ତକ୍ ଆତ୍ମନିର୍ଭର୍ ଭାରତ୍ ଗଠନ୍ତକ୍ ରାଜ୍ୟର୍ ଅବଦାନ୍ ଦେଖ୍ବାର୍କେ ମିଲ୍ବା ।

ଚକରା ବିଶୋଇ		I&PR

ମହାନ୍ ବିପ୍ଲବୀ ଚକରା ବିଶୋଇଙ୍କର୍ ୨ ଶହ ୩ ତମ ଜୟନ୍ତୀ ଅବ୍ସରେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ଇ ଅବ୍ସରେ ଓଡ଼ିଶା ବିଧାନ୍ସଭା ପରିସର୍ ନ ଥିବା ବିପ୍ଲବୀଙ୍କର୍ ପ୍ରତିମୂର୍ତି ନ ଆଏଜ୍ ସଖାଲ୍ବେଲା ବାଚସ୍ପତି ସୁରମା ପାଢ଼ୀ, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ୍ ଆଉ ଅଲ୍ଗାମାନେ ଉପସ୍ଥିତ୍ ରହିକରି ଶ୍ରଦ୍ଧାଞ୍ଜଳି ଜନାବେ । ବିପ୍ଲବୀଙ୍କର୍ ଜନମ୍ ମାଏନ୍ ଭଞ୍ଜନଗର୍ ନ ଆଏଜ୍ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଉଛେ ।

ଶ୍ରୀମନ୍ଦିର ବୈଠକ୍		ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବାକାଏଲ୍‌ଠାନୁ ପୁଷ୍‌ପୁନିତକ୍ ପହିଲିଭୋଗ ନୀତି ଆଉ ଦେବାଭିଷେକ ନୀତିକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ଅଧକ୍ଷତାଥି ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଆଉ ସବୁ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ରହିକରି ଇ ସମିଆଥି ଭକ୍ତଙ୍କର୍ ଶୃଙ୍ଖଲିତ୍ ଦର୍ଶନ୍ ଆଉ ନୀତିକାନ୍ତି ବାବ୍‌ଦେ ଖସଡ଼ା ତିଆର୍ କରିଛନ୍ ।

ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧମିକ୍ ଶିକ୍ଷା ପରିଷଦ୍ -ସିଏଚ୍‌ଏସ୍‌ଇ ପରିଚାଲିତ୍ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆଏବା ଜାନୁଆରୀ ୨ ତାରିଖ୍‌ନୁ ମୁଲ୍ ହେଇକରି ୧୫ ତାରିଖ୍‌ତକ୍ ଚାଲ୍‌ବା । କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ଶିକ୍ଷାର୍ ଭିନ୍ ଭିନ୍ ବିଷେର୍ ପ୍ରାକ୍ଟିକାଲ୍ ପରୀକ୍ଷା ହେବା । ଇଥିର୍‌ଲାଗି ସିଏସ୍‌ଏସ୍‌ଇ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସିଏସ୍‌ଏଚ୍‌ଇ ପ୍ରାକ୍ଟିକାଲ୍ ପରୀକ୍ଷା ଲାଗି ଫି’ ଯୁକ୍ତ ଦୁଇ କଲେଜ୍ ନ ବାହ୍ୟ ପରୀକ୍ଷକ୍ ନିଯୁକ୍ତି ଦେବାର୍‌କେ ନିର୍ଦ୍ଦେଶ୍ ଦେଇଛେ । ଇନ ଜନେଇ ଦିଆଯାଇପାରେ ଯେ,

ଆଏବା ଫେବୃଆରୀ ୧୮ ନୁ ମାର୍ଚ୍ଚ ୨୫ ତାରିଖ୍‌ତକ୍ ଯୁକ୍ତ ଦୁଇ ମୁଖ୍ୟ ପରୀକ୍ଷା ହେବା ।

ଓଟିଇଟିର ଉତର ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ଓଟିଇଟିର ଉତର୍ ମାଧ୍ୟମିକ ଶିକ୍ଷା ପରିଷଦ୍ ୱେବ୍‌ସାଇଟ୍‌ଥି ବାହାରିଛେ । ଓଟିଇଟି ପ୍ରଶ୍ନ ଆଧାର୍‌ଥି ବୋର୍ଡ଼୍ ତର୍‌ଫୁ ଜାରି ହେଇଥିବା ଉତର୍‌କେ ନେଇକରି ସନ୍ଦେହ ହେଲେ ପରୀକ୍ଷାର୍ଥୀମାନେ ଚେଲେଞ୍ଜ୍ କରିପାର୍‌ବେ ବଲି ବୋର୍ଡ଼୍ ତର୍‌ଫୁ ଲିଙ୍କ ଦିଆଯାଇଛେ । ଓଟିଇଟି ପ୍ରଶ୍ନର୍ ଫି’ ଉତର୍‌କେ ଚେଲେଞ୍ଜ୍ କର୍‌ବାର୍ ଲାଗି ପ୍ରାର୍ଥୀମାନ୍‌କୁ ନମ୍ବର୍ ପିଛା ୫ ଶହ ଟଙ୍କା ଲେଖା ଦେବାର୍‌କେ ପଡ଼୍‌ବା । ଚେଲେଞ୍ଜ୍ ଆବେଦନ୍ ଲାଗି ଅନ୍‌ଲାଇନ୍ ଲିଙ୍କ ଜାନୁଆରୀ ୪ ତାରିଖ୍ ଅଧାରାତିତକ୍ ସମିଆ ଧାରିଜ୍ କରାଯାଇଛେ ।

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୮ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଯାପିତ ହେଇଯାଇଛେ । ଇ ଅବ୍‌ସରେ ବର୍‌ଗଡ୍‌ର ବିଶିଷ୍ଟ ଅଭିନେତ୍ରୀ

କନକ୍ ଡନ୍‌ସନାଙ୍କୁ ଉଦୟନ ନାଟ୍ୟ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଛେ । ପଦମ୍‌ପୁର୍ ମହୁଲ୍‌ପାଲିର୍  ଅଙ୍ଗ ମଂଚ ଅନୁଷ୍ଠାନ୍ ର 'ଅନ୍ଧାର୍ ନୁ ଉକିଆତକ୍'କେ ଶ୍ରେଷ୍ଠ ନାଟକ୍ ଭାବେ ପୁରସ୍କୃତ୍ କରାଯାଇଥିଲା ବେଲେ ପଦମ୍‌ପୁରର୍ ବିଶିଷ୍ଟ ଅଭିନେତା ଜଗନ୍ନାଥ ସେଠଙ୍କୁ ଶ୍ରେଷ୍ଠ ଅଭିନେତା ଆଉ ବର୍‌ଗଡ୍‌ର ସୁଶୀଲା ନାୟାର୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀମାନେ ପୁରସ୍କୃତ୍ କରାଯାଇଛେ । ସମାରୋହଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ବୁଢ଼ାଦେଓ ଗାଦି ଯାତ୍ରା          ନୂଆପଡ଼ା ସମ୍ବାଦାଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ରାଜଦାବ୍ରିଠାନେ ଆଦିବାସୀଙ୍କର ଦେବ୍‌ତା ବୁଢ଼ାଦେଓ ଗାଦି ଯାତ୍ରା ଗଲାକାଏଲ୍ ମୁଲ୍ ହେଇଛେ । ଇ ଅବ୍‌ସରେ ବୁଢ଼ାଦେଓଙ୍କର୍ ମନ୍ଦିର କୁମ୍ଭଭରଣ ଉତ୍ସବ୍ ଭିଲ୍ ହେଇଯାଇଛେ । ଉତ୍ସବ୍ ଆଏବା କାଏଲ୍ ଉଦ୍‌ଯାପିତ୍ ହେବା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୨୪ ଘଂଟା ରାତିର୍ ତାପମାତ୍ରାଥି ଖାସ୍ ନାଇଁ ବଦ୍‌ଲେ । ତାର୍ ଉତ୍‌ରୁ ୨ନୁ ୩ ଡିଗ୍ରୀ ତକ୍ ତାପମାତ୍ରା ବଢ଼ିକରି ରାଏଜେ ଶୀତ୍ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ପହପହନୁ ସୁନ୍ଦର୍‌ଗଡ୍, କଲାହାଣ୍ଡି, କନ୍ଧମାଲ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, ଭଦ୍ରକ୍ ଆର୍ ବାଲେଶ୍ୱର୍‌ର ଗୁଟେ ଜୁଡ଼େ ଜାଗା ନ  ଜବର୍ କୁହୁଡ଼ି ହେବା । ସମ୍ବଲପୁର, ଝାର୍‌ସୁଗୁଡ଼ା ସହେତେ ୧୭ଟା ଜାଗା ନ ହାଲ୍‌କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।